# **NSS DAY 2021**

Gunupur College observed NSS Day by donating 21 units of blood in the blood bank at the Gunupur Sub-divisional hospital. The students and NSS officers also spread awareness about the maintenance of hygiene and sanitation amidst the COVID pandemic.

https://public.app/s/yQe1A
https://aadhar.news/news/5401
http://newodishatv.co.in/?p=13297

ସକାଳ
THE SAKALA
Jeypore - 25 Sep 2021 -

# ଜାତୀୟ ସେବା ଯୋଜନା ଦିବସରେ ୨୧ ୟୁନିଟ୍ ରକ୍ତ ସଂଗୃହିତ



**ଗୁଣୁପୁର,୨୪।୯(ସମିସ):** ଗୁଣପୁର ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ବାମଦେବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡାକ୍ତର ରମେଶ ସାହୁ ଓ ଡାକ୍ତର ଲକ୍ଷ୍ମଣ କୁମାର ପାତ୍ର ଅଂଶଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ପ୍ରାୟ ୨୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହାସହ କୋଭିଡ୍ ଟିକା ଗ୍ରହଣର ଆବଶ୍ୟକତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏଥିରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅମୀୟ ରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ଡକ୍ଟର ସୂର୍ଯ୍ୟ ନାରାୟଣ ପଣ୍ଡା, ପ୍ରାଧ୍ୟାପକ ଶଶିଭୂଷଣ ମହାନ୍ତି, ଅଧ୍ୟାପିକା ଦେବୀଶ୍ରୀ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଜାତୀୟ ସେବା ଯୋଜନା ଦିବସ



ଗୁଣୁପୁର, ୨୪।୯ (ସପ୍ର): ଗୁଣପୁର କଲେଜ ଏନଏସଏସ୍ ପକ୍ଷରୁ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବାମଦେବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା.ରମେଶ ସାହୁ ଏବଂ ଡା. ଲକ୍ଷ୍ମଣ କୁମାର ପାତ୍ର ଅଂଶଗ୍ରହଣ କରିଥିଲେ । ଏହି ଉପଲକ୍ଷେ ଏକ ରକ୍ତଦାନ ଶିବିରର ଆୟୋଜନ ହୋଇ ୨୧ ୟୁନିଟ୍ ରକ୍ତ ସଂଗ୍ରହ କରଯାଇଥିଲା । ଏହି ଅବସରରେ କୋଭିଡ ଟିକା ଗ୍ରହଣର ଆବଶ୍ୟକତା ସଂପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅମୀୟ ରଞ୍ଜନ ମହାନ୍ତି, ପ୍ରାଧାପକ ଡକ୍ଟର ସୂର୍ଯ୍ୟ ନାରାୟଣ ପଣ୍ଡା, ପ୍ରାଧାପକ ଶଶିଭୂଷଣ ମହାନ୍ତି, ଅଧାପିକା ଦେବୀଶ୍ରୀ ମହାପାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ ।

The image part with relationship ID rId6 was not found in the file.

# ଏନ୍‌ଏସ୍‌ଏସ୍ ପକ୍ଷରୁ ୨୧ ୟୁନିଟ୍ ରକ୍ତ ସଂଗ୍ରହ

ଗୁଣପୁର,୨୪।୯(ଡି.ଏନ୍.ଏ.)

ଏନ୍‌ଏସ୍‌ଏସ୍ ପ୍ରତିଷ୍ଠା ଦିବସରେ ରାୟଗଡ଼ା ଜିଲା ଗୁଣପୁର କଲେଜ ପକ୍ଷରୁ ଏକ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଏନ୍‌ଏସ୍‌ଏସ୍ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ଛାତ୍ରୀଛାତ୍ର ତଥା ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ। କଲେଜର ଅଧ୍ୟକ୍ଷ ବାମଦେବ ମିଶ୍ର ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ। ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ରମେଶ ଚନ୍ଦ୍ର ସାହୁଙ୍କ ସମେତ ଡାକ୍ତର ଲକ୍ଷ୍ମଣ ପାତ୍ର ଏହି ଅବସରରେ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏଠାରେ ୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କୋଭିଡ୍ ଟିକାକରଣକୁ ନେଇ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ଅମୀୟ ରଞ୍ଜନ ମହାନ୍ତି, ପ୍ରାଧାପକ ସୂର୍ଯ୍ୟ ନାରାୟଣ ପଣ୍ଡା, ପ୍ରାଧାପକ ଶଶୀଭୂଷଣ ମହାନ୍ତି, ଅଧାପିକା ଦେବୀଶ୍ରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# JANATA NEWS

ସାଧାରଣ ଜନତାର ସ୍ୱର

Regd.No.Fre/LI/RGD-ODI/12/44/19.


## ଜାତୀୟ ସେବା ଯୋଜନା ଦିବସ ଅବସର ରେ ରକ୍ତଦାନ ଶିବିର ଆୟୋଜନ ।





ଗୁଣପୁର,.୨୪/୦୯/୨୧..ଗୁଣୁପୁର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ବାମଦେବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡାକ୍ତର ରମେଶ ସାହୁ ଏବଂ ଡାକ୍ତର ଲକ୍ଷ୍ମଣ କୁମାର ପାତ୍ର ଅଂଶଗ୍ରହଣ କରିଥିଲେ । ଏହି ଉପଲକ୍ଷେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଏଥିରେ ପ୍ରାୟ ୨୧ ୟୁନିଟ୍ ରକ୍ତ ସଂଗ୍ରହ କରଯାଇଥିଲା  । ଏହା ସହିତ କୋଭିଡ ଟୀକା ଗ୍ରହଣର ଆବଶ୍ୟକତା ସଂପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଏଥିରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅମୀୟ ରଞ୍ଜନ ମହାନ୍ତି, ପ୍ରାଧାପକ ଡକ୍ଟର ସୂର୍ଯ୍ୟ ନାରାୟଣ ପଣ୍ଡା, ପ୍ରାଧାପକ ଶଶିଭୂଷଣ ମହାନ୍ତି, ଅଧାପିକା ଦେବୀଶ୍ରୀ ମହାପାତ୍ର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।